# NATIONAL NEWS BULLETIN (ODIA)

## 31 December - 2024

## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ଭାରତୀୟ ଆଇନ୍ ଢାଞ୍ଚାକୁ ଆଧୁନିକ ଓ ବିଶ୍ୱସ୍ତରୀୟ କରିବା ଲକ୍ଷ୍ୟରେ ୨୦୨୪ ବର୍ଷରେ ଅଣାଯାଇଛି ଗୁରୁତ୍ୱପୂର୍ଣ୍ଣ ଆଇନ୍‌ଗତ ସଂସ୍କାର ।
- ଭାରତୀୟ ମହାକାଶ କ୍ଷେତ୍ର ପାଇଁ ୨୦୨୪ ମସିହା ଗୁରୁତ୍ୱପୂର୍ଣ୍ଣ ଥିଲା, କହିଲେ କେନ୍ଦ୍ର ଆଣବିକ ଶକ୍ତି ଓ ମହାକାଶ ରାଷ୍ଟ୍ର ମନ୍ତ୍ରୀ ।
- ଭାରତ-ନେପାଳ ସାମରିକ ଅଭ୍ୟାସ ସୂର୍ଯ୍ୟ କିରଣର ଅଷ୍ଟାଦଶ ସଂସ୍କରଣ ଆଜି ନେପାଳରେ ଆରମ୍ଭ ।
- ସମଗ୍ର ବିଶ୍ୱରେ ନବବର୍ଷ ୨୦୨୫ ପାଇଁ ଆରମ୍ଭ ହୋଇଛି ସ୍ୱାଗତ ଉତ୍ସବ ।

ଏବଂ

- ସନ୍ତୋଷ ଟ୍ରଫି ଟାଇଟଲ୍ ହାସଲ ପାଇଁ ଆଜି ପଶ୍ଚିମବଙ୍ଗ ଓ କେରଳ ମଧ୍ୟରେ ମୁକାବିଲା ।

# ଲେଜିସ୍‌ଲେସନ୍ ୨୦୨୪

ଭାରତୀୟ ଆଇନ୍ ଢାଞ୍ଚାକୁ ଆଧୁନିକୀକରଣ କରିବା ସହିତ ଏହାକୁ ବିଶ୍ୱସ୍ତରୀୟ କରିବା ଲକ୍ଷ୍ୟରେ ୨୦୨୪ ବର୍ଷରେ କେତେ ଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ଆଇନ୍‌ଗତ ସଂସ୍କାର ଅଣାଯାଇଛି । ଜାହାଜ ନିର୍ମାଣ, ବ୍ୟାଙ୍କ୍, ରେଳବାଇ, ବିମାନ ଉଡ଼ାଣ ଓ ବିଭିନ୍ନ କ୍ଷେତ୍ରକୁ ବିକଶିତ କରିବା ଲକ୍ଷ୍ୟରେ ଆଇନ୍‌ରେ ସଂସ୍କାର ଓ ସଂଶୋଧନ କରାଯାଇଛି । ୨୦୨୪ ମସିହାରେ ଦେଶର ଅନେକ ଗୁଡ଼ିଏ ପୁରୁଣା ଆଇନ୍‌କୁ ବଦଳା ଯାଇଛି । ପୁରୁଣା ଅପରାଧିକ ଆଇନ୍ ବଦଳରେ ନୂତନ ଭାରତୀୟ ଅପରାଧିକ ଆଇନ୍ ପ୍ରବର୍ତ୍ତନ କରାଯାଇଛି । ୧୯୩୪ ମସିହା ବିମାନ ଆଇନ୍ ବଦଳରେ ବାୟୁଜାନ ଆଇନ୍ ପ୍ରବର୍ତ୍ତିତ ହୋଇଛି । ସେହିଭଳି ୧୯୨୫ ମସିହା ସାମୁଦ୍ରିକ ଆଇନ୍‌କୁ ବଦଳାଯାଇଛି ।

ଭାରତୀୟ ପିଙ୍ଗଳ କୋଡ୍ ବଦଳରେ ଭାରତୀୟ ନ୍ୟାୟ ସଂହିତା ଅଣାଯାଇଛି । ଭାରତୀୟ ସାକ୍ଷ୍ୟ ଅଧିନିୟମ ଏବଂ ଭାରତୀୟ ନାଗରିକ ସୁରକ୍ଷା ସଂହିତା ଲାଗୁ କରାଯାଇଛି । ଓ୍ୱାକଫ୍ ସଂଶୋଧନ ବିଧେୟକ ୨୦୨୪ ଏବଂ ମୁସଲମାନ ଓ୍ୱାକଫ୍ ଉଚ୍ଛେଦ ବିଲ୍ ୨୦୨୪କୁ ଲୋକସଭାରେ ଉପସ୍ଥାପିତ କରାଯାଇଛି । ୨୦୨୪ ରେଳବାଇର କାର୍ଯ୍ୟ ପରିଚାଳନାକୁ ଦକ୍ଷ କରିବା ସହିତ ରେଳ ଜୋନ୍‌ଗୁଡ଼ିକୁ ଅଧିକ ସ୍ୱୟଂଶାସନ କ୍ଷମତା ପ୍ରଦାନ କରିବା ଲକ୍ଷ୍ୟରେ ୨୦୨୪ ରେଳବାଇ ସଂଶୋଧନ ବିଧେୟକ ଆଗତ କରାଯାଇଛି । ଖାଉଟିମାନଙ୍କ ସୁବିଧା ଓ

ପୁଞ୍ଜିନିବେଶକାରୀଙ୍କୁ ସୁରକ୍ଷା ପ୍ରଦାନ କରିବା ପାଇଁ ବ୍ୟାଙ୍କ୍ ସଂଶୋଧନ ବିଧେୟକ ଅଣାଯାଇଛି । ୨୦୧୪ ମସିହାରେ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପରେ ଶ୍ରୀ ନରେନ୍ଦ୍ର ମୋଦୀ ୧ହଜାର ୫୦୦ରୁ ଅଧିକ ପୁରୁଣା ଆଇନ୍‌କୁ ଉଚ୍ଛେଦ କରିଛନ୍ତି ।

## ଜିତେନ୍ଦ୍ର ସିଂହ

କେନ୍ଦ୍ର ଆଣବିକ ଶକ୍ତି ଓ ମହାକାଶ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି, ୨୦୨୪ ମସିହା ଭାରତୀୟ ମହାକାଶ କ୍ଷେତ୍ର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବର୍ଷ ଥିଲା । ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସେ କହିଛନ୍ତି, ଗତବର୍ଷ ପ୍ରାରମ୍ଭରେ ସୂର୍ଯ୍ୟ ମିଶନ୍ ଅଭିଯାନରେ ଆଦିତ୍ୟ ଏଲ୍ ୱାନ୍‌କୁ ସଫଳତାର ସହ ହେଲୋ ଅର୍ବିଟ୍‌ରେ ଅବସ୍ଥାପିତ କରାଯାଇଥିଲା । ଇସ୍ରୋ ପକ୍ଷରୁ ସ୍ୱାଡେକ୍ସ ଅଭିଯାନ ଆରମ୍ଭ କରାଯିବା ସହ ଗଗନଯାନ କାର୍ଯ୍ୟକ୍ରମ ପାଇଁ ଅନେକ ଗୁଡ଼ିଏ ପରୀକ୍ଷଣ କରାଯାଇଥିଲା । ମହାକାଶକୁ ମହିଳା ରୋବର୍ଟ୍ ପଠାଇବା ଅଭିଯାନରେ ବିଭିନ୍ନ ପରୀକ୍ଷଣ କରାଯାଇଥିଲା ଏବଂ ଆସନ୍ତା ବର୍ଷ ସୁଦ୍ଧା ଏହି ଅଭିଯାନ ସଫଳ ହେବ ବୋଲି ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି ।

ମହାକାଶରେ ଡକିଂ ପରୀକ୍ଷା ନିମନ୍ତେ ଉଦ୍ଦିଷ୍ଟ ସ୍ପେଡେକ୍ସର ସଫଳ ଉତ୍କ୍ଷେପଣ କରାଯାଇଛି । ଭବିଷ୍ୟତରେ ମହାକାଶ ଅଭିଯାନରେ ଏହି ଡକିଂ ବ୍ୟବସ୍ଥା ବିଶେଷ ସହାୟକ ହେବ । ମହାକାଶ କ୍ଷେତ୍ରରେ ନିଜସ୍ୱ ଜ୍ଞାନକୌଶଳ ଉପଯୋଗ କରାଯାଇ ଦେଶକୁ ସଫଳତା ମିଳିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆତ୍ମନିର୍ଭର ଭାରତ ମନ୍ତ୍ର ଆଧାରରେ ଇସ୍ରୋ ପକ୍ଷରୁ କାର୍ଯ୍ୟ  କରାଯାଉଥିବାରୁ ଡକ୍ଟର ସିଂହ ଇସ୍ରୋକୁ ପ୍ରଶଂସା କରିଛନ୍ତି ।

## ଇୟର୍ ଏଣ୍ଡର୍-ରେଲୱେଜ୍

ଆକାଶବାଣୀ ପକ୍ଷରୁ ସ୍ୱତନ୍ତ୍ର ବର୍ଷ ଶେଷ ସିରିଜ୍ ମାଧ୍ୟମରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗରେ ଗତବର୍ଷର ଉପଲବ୍ଧି ସମ୍ପର୍କରେ ଉଲ୍ଲେଖ କରାଯାଉଛି । ଏହି କ୍ରମରେ ଆଜି ଭାରତୀୟ ରେଳବାଇରେ ଗତବର୍ଷ ଗ୍ରହଣ କରାଯାଇଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଓ ସଫଳତା ସମ୍ପର୍କରେ ଉଲ୍ଲେଖ କରାଯାଇଛି ।

୨୦୪୭ ମସିହାରେ ବିକଶିତ ଭାରତ ଲକ୍ଷ୍ୟ ହାସଲ କରିବା ପାଇଁ ୨୦୨୪ ମସିହାରେ ଭାରତୀୟ ରେଳବାଇର ନୂତନ ଆଧୁନିକୀକରଣ ଯୁଗରର ଆରମ୍ଭ କରାଯାଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି । ୨୦୨୪ ମସିହାରେ ୧୩୬ଟି ବନ୍ଦେ ଭାରତ ଟ୍ରେନ୍ ଏବଂ ୪ଟି ଅମୃତ ଭାରତ ଟ୍ରେନ୍‌ର ଶୁଭାରମ୍ଭ କରାଯାଇଛି । ଅମୃତ ଭାରତ ଓ ବନ୍ଦେ ଭାରତ

ଟ୍ରେନ୍ ଗୁଡ଼ିକର ସଫଳତା ପରେ ଭାରତୀୟ ରେଳବାଇ ପକ୍ଷରୁ ନମୋ ଭାରତ ଦ୍ରୁତ ଟ୍ରେନ୍‌ର ଶୁଭାରମ୍ଭ ମଧ୍ୟ କରାଯାଇଛି । ଏହା ସହିତ ମୁମ୍ବାଇ-ଅହମ୍ମଦାବାଦ ମଧ୍ୟରେ ବୁଲେଟ୍ ଟ୍ରେନ୍ ପ୍ରକଳ୍ପର ୨୪୩ କିଲୋମିଟର ରାସ୍ତା ନିର୍ମାଣ ସହିତ ୧୩ଟି ନଦୀ ଉପରେ ପୋଲ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି । ଯାତ୍ରୀମାନଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଟ୍ରେନ୍‌ରେ କବଚ ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଛି । ଦେଶର ୧ ହଜାରରୁ ଅଧିକ ଷ୍ଟେସନ୍‌ରେ ସି.ସି. ଟିଭି କ୍ୟାମେରା ଖଞ୍ଜା ଯାଇଛି । ଏହାସହିତ ୬ ହଜାର ୪୫୦ କିଲୋମିଟରରୁ ଅଧିକ ରେଳପଥର ନବୀକରଣ କରାଯାଇ ଟ୍ରେନ୍ ଗୁଡ଼ିକର ଗତିକୁ ୧୩୦ କିଲୋମିଟର ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରିଛି ।

ଆମ ସମ୍ବାଦଦାତା ଜଣାଇଛନ୍ତି, ଆଧୁନିକ ଷ୍ଟେସନ୍, ସୁରକ୍ଷା ବ୍ୟବସ୍ଥାରେ ନୂତନ ଜ୍ଞାନକୌଶଳର ଉପଯୋଗ ସହିତ ରେଳଯାତ୍ରାକୁ ଆରାମଦାୟକ କରାଯାଇପାରିଛି ।

## ଇଣ୍ଡିଆ-ନେପାଳ ମିଲିଟାରୀ ଏକ୍ସରସାଇଜ୍

ଭାରତ-ନେପାଳ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ଓ ସୁରକ୍ଷାକୁ ବିକଶିତ କରିବା ଲକ୍ଷ୍ୟରେ ଅଷ୍ଟାଦଶ ସାମରିକ ଅଭ୍ୟାସ ସୂର୍ଯ୍ୟକିରଣ ଆଜି ନେପାଳର ରୁପାନ୍ଦେହିର ସାଲଝାଣ୍ଡି ଠାରେ ଆରମ୍ଭ ହୋଇଛି । ଏଥିରେ

ବାଟାଲିୟନ୍ ସ୍ତରୀୟ ମିଳିତ ସାମରିକ ଅଭ୍ୟାସରେ ଜଙ୍ଗଲ ମଧ୍ୟରେ ଯୁଦ୍ଧ, ବିଭିନ୍ନ ପରିସ୍ଥିତିରେ ଆତଙ୍କବାଦ ମୁକାବିଲା ଏବଂ ବିପର୍ଯ୍ୟୟ ପରିଚାଳନାରେ ମାନବିକ ସହାୟତା ଉପରେ ଗୁରୁତ୍ୱ ଦିଆଯିବ ବୋଲି ଜଣାପଡ଼ିଛି । ଦୁଇ ସପ୍ତାହ ଧରି ଚାଲିବାକୁ ଥିବା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଭାରତୀୟ ସେନାର ଏକାଦଶ ଗୋର୍ଖା ରାଇଫଲ୍ ଏବଂ ନେପାଳ ସେନାର ଶ୍ରୀଜଙ୍ଗ ବାଟାଲିୟନ୍ ଭାଗ ନେଉଛନ୍ତି । ଏହି ମିଳିତ ସାମରିକ ଅଭ୍ୟାସ ଦ୍ୱାରା ଉଭୟ ଦେଶ ମଧ୍ୟରେ ବୃତ୍ତିଗତ ସହଯୋଗ, ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଏବଂ ବିଶ୍ୱାସ ବୃଦ୍ଧି ସମେତ ସାଂସ୍କୃତିକ ସମ୍ପର୍କ ଆହୁରି ଦୃଢ଼ ହେବ ବୋଲି ଆଶା କରାଯାଉଛି ।

ସୂଚନା ଯୋଗ୍ୟ ଉଭୟଦେଶ ମଧ୍ୟରେ ସାମରିକ ଅଭ୍ୟାସର ସପ୍ତଦଶ ସଂସ୍କରଣ ଗତବର୍ଷ ଭାରତର ପିଥୋରାଗଡ଼ ଆୟୋଜିତ ହୋଇଥିଲା । ୨୦୧୦ ମସିହା ଠାରୁ ଉଭୟ ଦେଶ ମଧ୍ୟରେ ଆରମ୍ଭ ହୋଇଥିବା ଏହି ସାମରିକ ଅଭ୍ୟାସ କାର୍ଯ୍ୟକ୍ରମରେ ନେପାଳର ୪ହଜାର ୨୧୫ ଜଣ ଓ ଭାରତର ୪ହଜାର ୪୪୨ ଜଣ ସୈନିକ ପ୍ରଶିକ୍ଷିତ ହୋଇଛନ୍ତି ।

# ନୂଆବର୍ଷ

ସମଗ୍ର ବିଶ୍ୱରେ ଆଜି ୨୦୨୪କୁ ବିଦାୟ ଦେବା ସହିତ ୨୦୨୫ ନବବର୍ଷକୁ ସ୍ୱାଗତ କରିବା ପାଇଁ ତତ୍ପରତା ଦେଖାଦେଇଛି । ସମଗ୍ର ବିଶ୍ୱ ଏଥିପାଇଁ ସଜବାଜ ହେଉଛି । ନ୍ୟୁଜିଲାଣ୍ଡର ଅକ୍‌ଲାଣ୍ଡରେ ଆଜି ମଧ୍ୟରାତ୍ରିରୁ ନବବର୍ଷ ୨୦୨୫କୁ ସ୍ଥାନୀୟ ସ୍କାଏଟାୱାର୍‌ରୁ ପାରମ୍ପରିକ ଆତସବାଜି କାର୍ଯ୍ୟକ୍ରମ ସହିତ ସ୍ୱାଗତ କରାଯାଇଛି । ଏହାର ୨ ଘଣ୍ଟା ପରେ ଅଷ୍ଟ୍ରେଲିଆରେ ମଧ୍ୟ ଲକ୍ଷାଧିକ ଲୋକ ସିଡ୍‌ନୀ ହାରବର୍‌ରେ ନବବର୍ଷ ପାଳନ କରିଛନ୍ତି । ସେହିଭଳି ଲଣ୍ଡନ, ରିଓଡି ଜେନେଇରୋ ଏବଂ ନ୍ୟୁୟର୍କର ସହରବାସୀ ନବବର୍ଷକୁ ସ୍ୱାଗତ କରିଛନ୍ତି ।

ନୂଆବର୍ଷ ୨୦୨୫କୁ ସ୍ୱାଗତ କରିବା ପାଇଁ ଜାତୀୟ ରାଜଧାନୀ ଦିଲ୍ଲୀ ଅଞ୍ଚଳରେ ବ୍ୟାପକ ପ୍ରସ୍ତୁତି ହୋଇଛି । ହୋଟେଲ୍ ଓ ରେସ୍ତୋରାଁ ଗୁଡ଼ିକ ଆଲୋକମାଳାରେ ସଜାଯାଇଛି । ଦିଲ୍ଲୀ ପୋଲିସ୍ ପକ୍ଷରୁ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ବିଭିନ୍ନ ବଜାର ଓ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ସିସିଟିଭି କ୍ୟାମେରା ଖଞ୍ଜା ଯାଇଛି ।

ଉତ୍ତରାଖଣ୍ଡର ପର୍ଯ୍ୟଟନସ୍ଥଳୀ ଗୁଡ଼ିକରେ ନୂଆବର୍ଷକୁ ସ୍ୱାଗତ କରିବା ପାଇଁ ବହୁସଂଖ୍ୟାରେ ପର୍ଯ୍ୟଟକମାନଙ୍କ ଆଗମନ ହୋଇଛି । ଆମ ସମ୍ବାଦଦାତା ଜଣାଇଛନ୍ତି, ନୈନିତାଲ, ମସୁରୀ, ଅଉଲୀ, ତେହେରୀ ଓ

ଆଲ୍‌ମୋଡା ଆଦି ପାର୍ବତ୍ୟାଞ୍ଚଳଗୁଡ଼ିକରେ ତୁଷାରପାତ ପରେ ପର୍ଯ୍ୟଟକମାନଙ୍କ ଆଗମନ ବୃଦ୍ଧି ପାଇଛି । ସେଠାରେ ଆଇନଶୃଙ୍ଖଳା ପରିସ୍ଥିତିର ସୁପରିଚାଳନା ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଟ୍ରାଫିକ୍ ବ୍ୟବସ୍ଥାକୁ ପରିଚାଳନା କରିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି । ଉତ୍ତରାଖଣ୍ଡର ପର୍ଯ୍ୟଟନସ୍ଥଳୀ ନିକଟ ରାସ୍ତା ଗୁଡ଼ିକରେ ଆଜି ସକାଳ ୯ଟାଠାରୁ ଆସନ୍ତାକାଲି ରାତି ୧୦ଟା ପର୍ଯ୍ୟନ୍ତ ଭାରୀଯାନ ଚଳାଚଳ ଉପରେ କଟକଣା ଜାରି କରାଯାଇଛି ।

## ନ୍ୟୁୟର୍-ଗୋଆ

ଗୋଆର ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳୀ ଗୁଡ଼ିକରେ ୨୦୨୪ ମସିହାକୁ ବିଦାୟ ଓ ନବବର୍ଷକୁ ସ୍ୱାଗତ କରିବା ପାଇଁ ଭିଡ଼ ଜମିବାରେ ଲାଗିଛି । ବିଶେଷ କରି ଗୋଆ ସମୁଦ୍ର ବେଳାଭୂମିରେ ଜନସମାଗମ ହୋଇଛି । ସହରରେ ଟ୍ରାଫିକ୍ ବ୍ୟବସ୍ଥାକୁ ନିୟନ୍ତ୍ରଣ କରାଯିବା ସହ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି ।

## ମଷ୍ଟ ଆନାଉନ୍ସମେଣ୍ଟ-୨

ଆକାଶବାଣୀ ସମ୍ବାଦସେବା ବିଭାଗ ପକ୍ଷରୁ ବର୍ଷଶେଷ ଅବସରରେ ଆଜି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରସାରିତ ହେବ । କାର୍ଯ୍ୟକ୍ରମର ଶୀର୍ଷକ ହେଉଛି, '୨୦୨୪: ଦ ଇୟର୍ ଦ୍ୟାଟ୍ ୱାଚ୍, ଦ ମେମୋରିଜ୍ ଦ୍ୟାଟ୍ ରିମେନ୍ସ' ।  ଇଂରାଜୀରେ ପ୍ରସ୍ତୁତ ୩୦ ମିନିଟ୍ ଅବଧିର ଏହି କାର୍ଯ୍ୟକ୍ରମ ୧୦୦ ଦଶମିକ ୧ ଏଫ୍ଏମ୍ ଗୋଲ୍ଡ ଏବଂ ଅତିରିକ୍ତ ଫ୍ରିକ୍ୱେନ୍ସିରେ ଆଜି ରାତି ୮ଟାରେ ପ୍ରସାରଣ କରାଯିବ । ଆକାଶବାଣୀ ସମ୍ବାଦର ୱେବ୍‌ସାଇଟ୍ newsonair.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍  ଆକାଶବାଣୀ AIR ଓ News on AIR ରେ ପ୍ରସାରଣ କରାଯିବ ।

## ସନ୍ତୋଷ ଟ୍ରଫି ଫୁଟ୍‌ବଲ

ସନ୍ତୋଷ ଟ୍ରଫି ଫୁଟବଲ ପ୍ରତିଯୋଗିତାର ଟାଇଟଲ୍ ହାସଲ ପାଇଁ ଆଜି ପଶ୍ଚିମବଙ୍ଗ ଏବଂ କେରଳ ମଧ୍ୟରେ ମୁକାବିଲା ହେବ । ଆଜି ରାତି ୭ଟା ୩୦ ମିନିଟ୍‌ରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ । ସନ୍ତୋଷ ଟ୍ରଫିର ପ୍ରଥମ ସେମିଫାଇନାଲ୍‌ରେ ପଶ୍ଚିମବଙ୍ଗ ୪-୨ ଗୋଲ୍‌ରେ ସର୍ଭିସେସ୍‌କୁ ପରାସ୍ତ କରି ଫାଇନାଲ୍‌ରେ ପହଞ୍ଚିଥିଲା । ଦ୍ୱିତୀୟ ସେମିଫାଇନାଲ୍‌ରେ କେରଳ ୫-୧ ଗୋଲ୍‌ରେ ମଣିପୁରକୁ ପରାସ୍ତ କରିଥିଲା ।

## ୨୪ ନ୍ୟାସନାଲ୍ ବନବାସି ସ୍ପୋର୍ଟସ୍

ଛତିଶଗଡ଼ର ରାୟପୁରରେ ଆୟୋଜିତ ୨୪ତମ ଜାତୀୟ ବନବାସୀ କ୍ରୀଡ଼ା ପ୍ରତିଯୋଗିତା ଆଜି ଉଦ୍‌ଯାପିତ ହୋଇଛି । ଆଜି ଅନୁଷ୍ଠିତ ହୋଇଥିବା ଫୁଟବଲ୍‌ର ଫାଇନାଲ୍ ମ୍ୟାଚ୍‌ରେ କେରଳକୁ ଟ୍ରାଇବ୍ରେକରରେ ୪-୧ ଗୋଲ୍‌ରେ ହରାଇ ସାନ୍ତାଳ ପ୍ରଗଣା ଚାମ୍ପିୟନ୍ ହୋଇଛି । ଝାଡ଼ଖଣ୍ଡ ଦଳ ତୃତୀୟ ସ୍ଥାନରେ ରହିଛି । ଏହି ପ୍ରତିଯୋଗିତାରେ ମୁଖ୍ୟତଃ ଫୁଟବଲ୍ ଓ ତୀରଚାଳନା କ୍ରୀଡ଼ା ଅନୁଷ୍ଠିତ ହୋଇଥାଏ । ଏହି ପ୍ରତିଯୋଗିତାରେ ଦେଶର ୯ଟି ରାଜ୍ୟର ୫୭୯ ଜଣ ଅନୁସୂଚିତ ଜନଜାତି ବର୍ଗର ବାଳକ ଓ ବାଳିକାମାନେ ଅଂଶଗ୍ରହଣ କରିଥିଲେ । ବନବାସୀ କଲ୍ୟାଣ ଆଶ୍ରମର ଜାତୀୟ ସଭାପତି ସତ୍ୟେନ୍ଦ୍ର ସିଂହ କୃତି ପ୍ରତିଯୋଗୀମାଙ୍କୁ ପୁରସ୍କାର ବିତରଣ କରିଥିଲେ ।

## ହକି

ରାଉରକେଲା ବିର୍ସାମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ହକି ଇଣ୍ଡିଆ ଲିଗ୍‌ରେ ଆଜି ରାତି ୮ଟା ୧୫ ମିନିଟ୍‌ରେ ହାଇଦ୍ରାବାଦ୍ ତୋଫାନ୍ସ ଏବଂ ଦିଲ୍ଲୀ ଏସ୍.ଜି. ପାପଇପର୍ସ ମଧ୍ୟରେ ମୁକାବିଲା ହେବ ।

ଗତକାଲି ୟୁପି ରୁଦ୍ରସ ୩-୧ ଗୋଲ୍‌ରେ କଳିଙ୍ଗ ଲ୍ୟାନ୍ସର୍ସଙ୍କୁ ପରାସ୍ତ କରିଛି । ଲ୍ୟାନ୍ସର୍ସ୍ ପକ୍ଷରୁ ଏନରିକେ ଗୋଞ୍ଜାଲେଜ୍ ଏକମାତ୍ର ଗୋଲ୍‌ସ୍କୋର କରିଥିଲେ । ୟୁପି ରୁଦ୍ରାସ୍ ଖେଳର ୧୩ ମିନିଟ୍, ୪୫ ମିନିଟ୍ ଏବଂ ୫୦ ମିନିଟ୍‌ରେ ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ । ରୁଦ୍ରାସ୍‌ର ଗୋଲ୍ ରକ୍ଷକ ଜେମ୍ସ ମାଜାରେଲାଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଦିଆଯାଇଛି । ପଏଣ୍ଟ ତାଲିକାରେ ରୁଦ୍ରାସ୍ ଶୀର୍ଷରେ ରହିଛି ।